ଭାନୱାରୁ ଖାନ ଏବଂ ଅନ୍ୟମାନେ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଏପ୍ରିଲ 2,2002

[ଡୋରାଇସ୍ୱାମୀ ରାଜୁ ଏବଂ ଅଶୋକ ଭାନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ନାଗରିକ ଅଧିନିୟମ, 1955/ ନାଗରିକ ନିୟମାବଳୀ, 1956-ଅନୁସୂଚୀ III ର ଧାରା 9 ( 2)/ ନିୟମ 3-ଅନ୍ୟ ଦେଶର ପାସପୋର୍ଟ ଧାରକଙ୍କ ଜାତୀୟତା -ନିର୍ଦ୍ଧାରଣ-ସ୍ୱେଚ୍ଛାକୃତ ଭାବରେ ହାସଲ ହୋଇଥିବା ପାସପୋର୍ଟ-ଦୀର୍ଘ ସମୟ ପାଇଁ ଭାରତରେ ଅବୈଧ ବସବାସ-କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଦେଶୀ ହେବା ପାଇଁ ଜାତୀୟତା ସ୍ଥିର କରାଯାଇଛି- ନିର୍ଣ୍ଣୟ ହେଲା, ନିର୍ଣ୍ଣୟ ବାସ୍ତବିକ ଭାବରେ ସଠିକ୍ ଏବଂ ଆଇନ ଅନୁଯାୟୀ ହେବ - ଦେଶରେ ଦୀର୍ଘ ସମୟ ରହିବା ଏବଂ ଭୋଟର ତାଲିକାରେ ନାମ ଲେଖା ଜଣେ ବିଦେଶୀଙ୍କୁ ଦେଶରେ ରହିବା ଜାରି ରଖିବାର କୌଣସି ଅଧିକାର ପ୍ରଦାନ କରିବ ନାହିଁ- ତେଣୁ, ବ୍ୟକ୍ତିଜଣଙ୍କ ନିର୍ବାସିତ ହେବାକୁ ଯୋଗ୍ୟ ।*

ଆବେଦନକାରୀମାନେ ଦେଶ ବିଭାଜନ ପରେ ପାକିସ୍ତାନକୁ ଚାଲିଯାଇଥିଲେ । ସେମାନେ ନିଜକୁ ପାକିସ୍ତାନର ନାଗରିକ ବୋଲି ଘୋଷଣା କରିବା ପରେ ପାକିସ୍ତାନ ସରକାରଙ୍କଠାରୁ ପାସପୋର୍ଟ ପାଇଥିଲେ । ସେମାନେ **1955** ମସିହାରେ ଭାରତ ଆସିଥିଲେ ଏବଂ ନିୟମ ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜୀକୃତ ହୋଇଥିଲେ । ଭିସା ମିଆଦ ଶେଷ ହେବା ପରେ ସେମାନେ ପାକିସ୍ତାନ ପ୍ରସ୍ଥାନ ବିଷୟରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ, କିନ୍ତୁ ଫେରିବା ପରିବର୍ତ୍ତେ, ସେମାନେ ଭିସା ବୃଦ୍ଧି ନ କରି ଗୁପ୍ତ ଭାବରେ ରହି ଭାରତରେ ବେଆଇନ ଭାବେ ବସବାସ କରିଥିଲେ। । **1984** ମସିହାରେ, ସେମାନେ ଭାରତର ନାଗରିକ ଭାବରେ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ । ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ସେମାନଙ୍କୁ ନୋଟିସ୍ ଜାରି କରାଯାଇଥିଲା ।

ସେମାନେ ଭାରତୀୟ ନାଗରିକ ବୋଲି ଦାବି କରି ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆଜ୍ଞାଦେଶ ଆବେଦନ କରିଥିଲେ । ଆଜ୍ଞାଦେଶ ଆବେଦନ ଖାରଜ କରାଯାଇଥିଲା ଏବଂ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠରେ ଏହା ବିରୁଦ୍ଧରେ ଆବେଦନ ମଧ୍ୟ ଖାରଜ କରାଯାଇଥିଲା ।

ଏହି ନ୍ୟାୟଳୟରେ ଆବେଦନ କରି, ଏହି ନ୍ୟାୟଳୟ ଭାରତ ସଂଘକୁ ଆବେଦନକାରୀଙ୍କ ଆବେଦନର ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ ଭାରତ ସଂଘ ନାଗରିକତା ଅଧିନିୟମ, **1955** ର ଧାରା **9 (2)** ଅନୁଯାୟୀ ଏହାର ନିର୍ଦ୍ଦେଶ ଦେଇ ଏହାକୁ ଶୁଣାଇ ଖାରଜ କରିଥିଲା । ଏହା ନାଗରିକତା ନିୟମାବଳୀ , **1956** ର ଅନୁସୂଚୀ **III** ର ନିୟମ **3** ଉପରେ ନିର୍ଭର କରି ସେମାନଙ୍କର ଜାତୀୟତା ପାକିସ୍ତାନୀ

ବୋଲି ନିର୍ଣ୍ଣୟ କରିଥିଲା, ଯେଉଁଥିରେ କୁହାଯାଇଥିଲା ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନୀ ପାସପୋର୍ଟ ପାଇଛନ୍ତି ।

ଆବେଦନକାରୀମାନେ ଅଧିନିୟମର ଧାରା **9 (2)** ଅନୁଯାୟୀ ଆଦେଶ ବିରୁଦ୍ଧରେ ଏହି ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉତ୍ତରଦାତାମାନେ ଯୁକ୍ତି ଦେଇଥିଲେ ଯେ ଆବେଦନକାରୀଙ୍କ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନକୁ ପ୍ରବାସ ଏବଂ ସ୍ୱେଚ୍ଛାକୃତ ଭାବରେ ପାସପୋର୍ଟ ପାଇବା ଦ୍ୱାରା ଏହି ଧାରଣା ସୃଷ୍ଟି ହୁଏ ଯେ ସେମାନେ ପାକିସ୍ତାନର ନାଗରିକ, ଏବଂ ବିଦେଶୀ ଦେଶରୁ ଜଣେ ବ୍ୟକ୍ତି ଦ୍ୱାରା ପ୍ରାପ୍ତ ପାସପୋର୍ଟ ପାସପୋର୍ଟଧାରୀଙ୍କ ନାଗରିକତା ସମ୍ପର୍କରେ ତଦନ୍ତରେ ପ୍ରାସଙ୍ଗିକ ଅଟେ, ଏବଂ ଏହା ଚିହ୍ନଟ ହେବା ପରେ ସେମାନଙ୍କୁ ପାକିସ୍ତାନକୁ ନିର୍ବାସିତ କରାଯିବାକୁ ଯୋଗ୍ୟ ।

ଏହି ନ୍ୟାୟାଳୟ ପିଟିସନ ଏବଂ ଆବେଦନକୁ ଖାରଜ କରି,

ନିର୍ଣ୍ଣୟ କରିଥିଲେ:**1.** ନାଗରିକତା ଅଧିନିୟମର ଧାରା **9 (2)** ଅନୁଯାୟୀ ଆବେଦନକାରୀମାନଙ୍କ ଜାତୀୟତା  ନିର୍ଣ୍ଣୟ କରିବା ପାଇଁ ଦିଆଯାଇଥିବା ଆଦେଶରେ କୌଣସି ଦୁର୍ବଳତା ନାହିଁ । ନ୍ୟାୟାଳୟଙ୍କ ସମ୍ମୁଖରେ ମଧ, ଆବେଦନକାରୀମାନେ କୌଣସି ପ୍ରମାଣ ଦ୍ୱାରା ପ୍ରମାଣିତ କରିପାରିନଥିଲେ ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନ ପ୍ରବାସ କରି ନଥିଲେ ଏବଂ ବାଧ୍ୟତାମୂଳକ ପରିସ୍ଥିତିରେ ପାକିସ୍ତାନୀ ପାସପୋର୍ଟ ପାଇଥିଲେ । ବରଂ ଭାରତ ଆସିବା ପରେ ସେମାନଙ୍କର ଆଚରଣ ମଧ ଦର୍ଶାଏ ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନ ପ୍ରବାସ କରିଥିଲେ ଏବଂ ନିଜକୁ ପାକିସ୍ତାନର ନାଗରିକ ବୋଲି ଘୋଷଣା କରିବା ପରେ ପାକିସ୍ତାନ ସରକାରଙ୍କଠାରୁ ପାସପୋର୍ଟ ହାସଲ କରିଥିଲେ । ଯଦି ଆବେଦନକାରୀଙ୍କ ଉଦ୍ଦେଶ୍ୟ ଥିଲା ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନର ନାଗରିକତା ଏବଂ ସେହି ଦେଶରୁ ପାସପୋର୍ଟ ହାସଲ କରିନଥାନ୍ତେ, ତେବେ ସେମାନେ ପ୍ରବାସ ଅନୁମତି ଅବଧି ସମାପ୍ତ ହେବା ପରେ ପାକିସ୍ତାନ ଫେରିବାର ସେମାନଙ୍କର ଇଚ୍ଛା ଘୋଷଣା କରିନଥାନ୍ତେ । ଏହା ସହିତ, ସେମାନେ ଲୁଚି କରି ରହିନଥାନ୍ତେ । **1955** ମସିହାରେ ସେମାନେ ନୂତନ ଭାବରେ ଭାରତର ନାଗରିକତା ହାସଲ କରିବା ପାଇଁ ପ୍ରୟାସ କରିଥାନ୍ତେ । ଭାରତ ସଂଘ ଦ୍ୱାରା ପ୍ରଦତ୍ତ ଆଦେଶ ତଥ୍ୟଗତ ଭାବରେ ସଠିକ୍ ଏବଂ ଆଇନ ଅନୁଯାୟୀ ଥିଲା । **[878- H; 879-A-C-D]**

**2.** ନିର୍ବାସନ ଆଦେଶରେ ହସ୍ତକ୍ଷେପ ପାଇଁ କୌଣସି ମାମଲା ପ୍ରସ୍ତୁତ କରାଯାଏ ନାହିଁ । ଦେଶରେ ଦୀର୍ଘ ସମୟ ରହିବା ଏବଂ ଭୋଟର ତାଲିକାରେ ନାମ ଲେଖା ଜଣେ ବିଦେଶୀଙ୍କୁ ଦେଶରେ ରହିବା ଜାରି ରଖିବାର କୌଣସି ଅଧିକାର ପ୍ରଦାନ କରିବ ନାହିଁ । ନାଗରିକତା ଅଧିନିୟମ, **1955**ର ଧାରା **9 ( 2)** ଅନୁଯାୟୀ ପାରିତ କରାଯାଇଥିବା ଆଦେଶରେ ଉଚ୍ଚ ନ୍ୟାୟାଳୟ କିମ୍ବା ଭାରତ ସରକାରଙ୍କ ଦ୍ୱାରା ଉପନୀତ ନିଷ୍କର୍ଷରେ କୌଣସି ଦୁର୍ବଳତା ନାହିଁ ।**[879- E]**

*ଇଜହାର ଅହମ୍ମଦ ଖାନ ଏବଂ ଅନ୍ୟମାନେ* ବନାମ *ଭାରତ ସଂଘ ଏବଂ ଅନ୍ୟମାନେ*, **AIR (1962) SC 1052, ଉଲ୍ଲେଖ କରାଗଲା ।**

ଦେୱାନୀ ମୂଳ କ୍ଷେତ୍ରାଧିକାରିତା : ଆଜ୍ଞାଦେଶ ଆବେଦନ (C) ସଂଖ୍ୟା 737/1995 ।

(ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ )

ସହିତ

C.A. ସଂଖ୍ୟା 10224/1995 ।

ପିଟିସନର/ଆବେଦନକାରୀ ଙ୍କ ପକ୍ଷରୁ ସୁଶୀଲ କୁମାର ଜୈନ ଏବଂ ଏ. ପି. ଧମିଜା ।

ଉତ୍ତରଦାତାମାନଙ୍କ ପକ୍ଷରୁ ରେଖା ପାଣ୍ଡେ ଏବଂ କୁମାରୀ ସନ୍ଧ୍ୟା ଗୋସ୍ୱାମୀ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାମୂର୍ତ୍ତି ଭାନଙ୍କ ଦ୍ବାରା** । ଏହି ରାୟ 17 ମେ , 1994ରେ ନିଷ୍ପତ୍ତି ହୋଇଥିବା ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 837/1987 ଏବଂ ଆଜ୍ଞାଦେଶ ଆବେଦନ (C) ସଂଖ୍ୟା 737 /1995ରୁ ଉତ୍ପନ୍ନ ହୋଇଥିବା ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ରାୟ ବିରୁଦ୍ଧରେ ନିର୍ଦ୍ଦେଶିତ ଦେୱାନୀ ଆବେଦନ ସଂଖ୍ୟା 10224/1995ର ସମାଧାନ କରିବ, ଯାହା 21 ଜୁଲାଇ, 1995ରେ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ( ଆଜ୍ଞାଦେଶ ଆବେଦନର ସଂଲଗ୍ନକ D) କୁ ଆପତ୍ତି କରି କରାଯାଇଥିଲା, ଯାହା ନାଗରିକତା ଅଧିନିୟମ, 1955 (ସଂକ୍ଷେପରେ "ଅଧିନିୟମ") ର ଧାରା 9 ( 2) ଅନୁଯାୟୀ ଆବେଦନକାରୀଙ୍କ ଜାତୀୟତା ନିର୍ଣ୍ଣୟ କରିଥିଲା ।

ଆବେଦନରେ ପକ୍ଷମାନଙ୍କୁ ସେମାନଙ୍କର ମୂଳ ସ୍ଥିତି ଅନୁଯାୟୀ ଆବେଦନକାରୀ ସଂଖ୍ୟା 1 ଏବଂ 2 (ଯେଉଁମାନେ ଆଜ୍ଞାଦେଶ ଆବେଦନକାରୀ ସଂଖ୍ୟା 1 ଏବଂ 2) ଏବଂ ଉତ୍ତରଦାତାଙ୍କୁ ଭାରତ ସରକାର ଭାବରେ ଉଲ୍ଲେଖ କରାଯିବ ।

ଆବେଦନକାରୀ ସଂଖ୍ୟା 1, ଭାନୱାରୁ ଖାନ ଏବଂ ଆବେଦନକାରୀ ସଂଖ୍ୟା 2- ଆବେଦନକାରୀ ସଂଖ୍ୟା 1ଙ୍କ ପତ୍ନୀ, ରାଜସ୍ଥାନ ରାଜ୍ୟର ରତନଗଡ଼ ତହସିଲର ହମ୍ମୁସର ଗ୍ରାମର ବାସିନ୍ଦା ଏବଂ ବର୍ତ୍ତମାନ ରାଜସ୍ଥାନର ଚୁରୁ ଜିଲ୍ଲା, ସରଦାର ସହରଠାରେ ବାସ କରୁଥିବା ଜଣାପଡିଛି । ଦେଶ ବିଭାଜନ ପରେ ସେମାନେ ଭାରତ ଛାଡି ପାକିସ୍ତାନର ନାଗରିକ ହୋଇଥିଲେ । ପାକିସ୍ତାନର ନାଗରିକ/ନାଗରିକ ଭାବରେ ପାକିସ୍ତାନରୁ ପାସପୋର୍ଟ ପାଇବା ପରେ ଏବଂ 1955 ମସିହାରେ ଭାରତୀୟ ହାଇକମିଶନରୁ ଭିସା ପାଇବା ପରେ, ଆବେଦନକାରୀମାନେ 12 ଫେବୃଆରୀ, 1955 ରେ ପଞ୍ଜାବ ସୀମାନ୍ତରେ ଥିବା ଅଟାରୀ ଚେକ୍ ପୋଷ୍ଟ ଦେଇ

ଭାରତରେ ପ୍ରବେଶ କରିଥିଲେ । ଏହି ପ୍ରକ୍ରିୟା ଅନୁଯାୟୀ ପାକିସ୍ତାନରୁ ଆସୁଥିବା ଜଣେ ବିଦେଶୀଙ୍କୁ ଯେଉଁ ଜିଲ୍ଲାରେ ରହିବାକୁ ପଡିବ, ସେହି ଜିଲ୍ଲାର ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ଆବଶ୍ୟକ । ଆବେଦନକାରୀମାନେ 14 ଫେବୃଆରୀ, 1955 ରେ ଚୁରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭାରତ ଆସିବା ବିଷୟରେ ରିପୋର୍ଟ କରିଥିଲେ ଏବଂ କ୍ରମିକ ସଂଖ୍ୟା 31ରେ ବିଦେଶୀ ପରିଦର୍ଶନ ରେଜିଷ୍ଟରରେ ଏକ ପ୍ରବେଶ କରାଯାଇଥିଲା । ଏହା ପରେ ଆବେଦନକାରୀମାନେ ସେହି ଦିନ ରତନଗଡ଼ ପୋଲିସ ଷ୍ଟେସନରେ ରିପୋର୍ଟ କରିଥିଲେ । ପୁଣି 7 ମେ , 1955ରେ ଆବେଦନକାରୀମାନେ ରତନଗଡ଼ ପୋଲିସ ଷ୍ଟେସନରେ ଯୋଗ ଦେଇଥିଲେ ଏବଂ ସୂଚନା ଦେଇଥିଲେ ସେମାନେ ରାତ୍ରି ଟ୍ରେନ ଯୋଗେ ଭାରତ ଛାଡି ପାକିସ୍ତାନ ଯାଉଛନ୍ତି ଏବଂ ତଦନୁସାରେ କ୍ରମିକ ସଂଖ୍ୟା 6 ରେ ରେଜିଷ୍ଟରରେ ଏକ ପ୍ରବେଶ କରାଯାଇଥିଲା ।

ପାକିସ୍ତାନ ଫେରିବା ପରିବର୍ତ୍ତେ ଆବେଦନକାରୀମାନେ ନିଜେ ଲୁଚି ରହିଥିଲେ । 1984 ମସିହାରେ ସରଦାରସହରରେ ଜଣେ ପାକିସ୍ତାନୀ ନାଗରିକଙ୍କୁ ଗିରଫ କରାଯାଇଥିଲା । ଗିରଫଦାରୀର ଭୟରେ ଏବଂ ପରାମର୍ଶ ପରେ ଆବେଦନକାରୀମାନେ ଭାରତର ନାଗରିକ ଭାବରେ ପଞ୍ଜୀକରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିଥିଲେ । ଏହା ଉପରେ, ଗୃହ ବିଭାଗ ରାଜସ୍ଥାନ ରାଜ୍ୟର ଚୁରୁର ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ବାର୍ତ୍ତା ସଂଖ୍ୟା F.1 (4) ଗୃହ/Gr. IV/84 ତାରିଖ 13.3.1984 (ସଂଲଗ୍ନକ R- 6) ପଠାଇଥିଲେ, ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ ଏ ଭାନୱରୁ ଖାନ ପାକିସ୍ତାନର ନାଗରିକ ଥିଲେ ।ସେହି ସମୟରେ ଚୁରୁର ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ କୌଣସି ମାମଲା ବିଚାରାଧୀନ ନଥିଲା । ଚୁରୁର ଆରକ୍ଷୀ ଅଧିକ୍ଷକ 15 ମାର୍ଚ୍ଚ, 1984ରେ ତାଙ୍କ ୱାୟାରଲେସ୍ ମେସେଜରେ ତାଙ୍କର ଉତ୍ତର ଦେଇଥିଲେ । ଉତ୍ତର ପାଇବା ପରେ, ଗୃହ ବିଭାଗ ଏହି ବିଷୟରେ ଏକ ବିସ୍ତୃତ ଟିପ୍ପଣୀ ମାଗିଥିଲେ । ନିର୍ଦ୍ଦେଶ ପାଇବା ପରେ, ଏସ୍.ଏଚ୍. ଓ. ପୋଲିସ ଷ୍ଟେସନ ରତନଗଡ଼ ଏବଂ ସର୍ଦ୍ଦାରସହର ଏକ ବିସ୍ତୃତ ତଦନ୍ତ କରିଥିଲେ, ଯାହାର ରିପୋର୍ଟ ଚୁରୁର ଆରକ୍ଷୀ ଅଧିକ୍ଷକଙ୍କ ମାଧ୍ୟମରେ ଗୃହ ବିଭାଗକୁ ପଠାଯାଇଥିଲା । ତଦନ୍ତ ରିପୋର୍ଟ ପାଇବା ପରେ ଗୃହ ବିଭାଗ ସରକାର ଦ୍ଵାରା ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ଆବେଦନକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ଚୁରୁର ଆରକ୍ଷୀ ଅଧିକ୍ଷକଙ୍କୁ ଲେଖିଥିଲେ । 29 ଜାନୁଆରୀ, 1987ରେ ଚୁରୁର ଆରକ୍ଷୀ ଅଧିକ୍ଷକ ନୋଟିସ ଜାରି କରି ଏସ୍.ଏଚ୍.ଓ. ପୋଲିସ ଷ୍ଟେସନ ସର୍ଦ୍ଦାରସହରକୁ ଜାରି ପାଇଁ ପଠାଇଥିଲେ । ଏହି ନୋଟିସଗୁଡ଼ିକର ଜାରି 22 ଫେବୃଆରୀ, 1987ରେ କାର୍ଯ୍ୟକାରୀ ହୋଇଥିଲା । ଚୁରୁର ଆରକ୍ଷୀ ଅଧୀକ୍ଷକଙ୍କ ଦ୍ଵାରା ନୋଟିସ୍ ପ୍ରଦାନ କରାଯିବା ପରେ ତୁରନ୍ତ ଆବେଦନକାରୀମାନେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟରେ 10 ଜୁଲାଇ, 1987ରେ ଆଜ୍ଞାଦେଶ ଆବେଦନ ସଂଖ୍ୟା 837/1987 ଦାଖଲ କରିଥିଲେ, ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ ସେମାନେ ଭାରତର ନାଗରିକତା ହାସଲ କରିଛନ୍ତି ଏବଂ ପୋଲିସ ଦ୍ଵାରା ସେମାନଙ୍କୁ ଅନାବଶ୍ୟକ ଭାବରେ ହଇରାଣ କରାଯାଉଛି । ଆଜ୍ଞାଦେଶ ଆବେଦନରେ ଆବେଦନକାରୀଙ୍କ ଦ୍ଵାରା କରାଯାଇଥିବା ଦୁଇଟି ଅନୁରୋଧ ନିମ୍ନରେ ଦିଆଗଲା :

" (a) ଏକ ଉପଯୁକ୍ତ, ଆଜ୍ଞାଦେଶ, ନିର୍ଦ୍ଦେଶ କିମ୍ବା ଆଦେଶ ଦ୍ୱାରା ଉତ୍ତରଦାତାମାନଙ୍କୁ ଆବେଦନକାରୀଙ୍କୁ ଗିରଫ କରିବା ଏବଂ ବଳପୂର୍ବକ ପାକିସ୍ତାନକୁ ନିର୍ବାସନ କରିବାରୁ ନିଷେଧ କରାଯାଇପାରିବ ।

(b) ଆବେଦନକାରୀଙ୍କୁ ଭାରତୀୟ ନାଗରିକ ଭାବରେ ବିବେଚନା କରିବାକୁ ନିର୍ଦ୍ଦେଶ ଦିଆଯାଇପାରିବ, କିମ୍ବା ପରିସ୍ଥିତି ଅନୁସାରେ ନ୍ୟାୟସଙ୍ଗତ ଏବଂ ଉପଯୁକ୍ତ ପ୍ରତିକାର ପ୍ରଦାନ କରାଯାଇପାରେ ।

ଏହି ଆଜ୍ଞାଦେଶ ଆବେଦନଟି ଜଣେ ଏକକ ବିଚାରପତିଙ୍କ ଦ୍ୱାରା ଶୁଣାଣି ପାଇଁ ଗ୍ରହଣ କରାଯାଇଥିଲା ଏବଂ ଖାରଜ କରାଯାଇଥିଲା । ଏକକ ବିଚାରପତିଙ୍କ ଦେୱାନୀ ବିଶେଷ ଆବେଦନ ସଂଖ୍ୟା 164/1992ର ଆଦେଶରେ ଅସନ୍ତୁଷ୍ଟ ହୋଇ ଉଚ୍ଚ ନ୍ୟାୟାଳୟରେ ସୀମା ଅଧିନିୟମର ଧାରା 5 ଅନୁଯାୟୀ ଆବେଦନ ଦାଖଲ କରିବାରେ 98 ଦିନ ବିଳମ୍ବକୁ କ୍ଷମା କରିବା ପାଇଁ ଆବେଦନ କରାଯାଇଥିଲା ।

ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଆବେଦନ ଦାଖଲ କରିବାରେ 98 ଦିନ ବିଳମ୍ବକୁ କ୍ଷମା କରିଥିଲେ । 17 ମେ , 1994 ତାରିଖରେ ଆକ୍ଷେପିତ ରାୟ ଦ୍ୱାରା ଆବେଦନ ଖାରଜ କରାଯାଇଥିଲା । ଏହି ରାୟ ବିରୁଦ୍ଧରେ ଦେୱାନୀ ଆବେଦନ ନିର୍ଦ୍ଦେଶିତ ହୋଇଥିଲା ।

16 ସେପ୍ଟେମ୍ବର, 1994ରେ ଆବେଦନକାରୀଙ୍କ ଅଧିବକ୍ତାଙ୍କ ଦ୍ୱାରା କରାଯାଇଥିବା ଏକ ପ୍ରତିନିଧିତ୍ୱ ଉପରେ, ଏହି ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ଯେ ଆବେଦନକାରୀମାନେ ନାଗରିକତା ଅଧିନିୟମ ଅନୁଯାୟୀ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବ୍ୟକ୍ତିଗତ କିମ୍ବା ସାମୂହିକ ଭାବରେ ଆବେଦନ କରିବେ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷ ଯଥାଶୀଘ୍ର ଏହା ନିଷ୍ପତ୍ତି ନେବେ ଏବଂ ନ୍ୟାୟାଳୟଙ୍କୁ ଏହାର ଫଳାଫଳ ଜଣାଇବେ । 25 ସେପ୍ଟେମ୍ବର, 1995ରେ ଭାରତ ସରକାର 21 ଜୁଲାଇ, 1995ରେ ନାଗରିକତା ଅଧିନିୟମର ଧାରା 9 ( 2) ଅନୁଯାୟୀ ପାରିତ କରାଯାଇଥିବା ଆଦେଶକୁ ନଥିଭୁକ୍ତରେ ରଖିଥିଲେ, ଯେଉଁଥିରେ ସେମାନଙ୍କର ଭାରତୀୟ ନାଗରିକ ହେବାର ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହା ପରେ, ଆବେଦନକାରୀମାନେ ନାଗରିକତା ଅଧିନିୟମର ଧାରା 9 ( 2) ଅନୁଯାୟୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ କରାଯାଇଥିବା ଆଦେଶକୁ ଆପତ୍ତି କରି ଆଜ୍ଞାଦେଶ ଆବେଦନ ସଂଖ୍ୟା 737/1995ରେ ଦାଖଲ କରିଥିଲେ ।

ଆବେଦନକାରୀଙ୍କ ଅଧିବକ୍ତା ଏକକାଳୀନ ଦେୱାନୀ ଆବେଦନ ଏବଂ ଆଜ୍ଞାଦେଶ ଆବେଦନରେ ଯୁକ୍ତି ଉପସ୍ଥାପନ କରିଥିଲେ । ତାଙ୍କ ମତରେ ତଥ୍ୟଗୁଡ଼ିକ ଅତି ବିସ୍ତୃତ ଥିଲା ଏବଂ ଦେୱାନୀ ଆବେଦନରେ ନିଷ୍ପତ୍ତି ନିଆଯାଇଥିବା ପ୍ରସଙ୍ଗ ଆଜ୍ଞାଦେଶ ଆବେଦନର ଫଳାଫଳ ଉପରେ ମଧ୍ୟ ପ୍ରଭାବ ପକାଇବ ।

ଆବେଦନକାରୀଙ୍କ ପକ୍ଷରୁ ଅଧିବକ୍ତା ଯୁକ୍ତି ଦର୍ଶାଇଥିଲେ ଯେ ଆବେଦନକାରୀମାନେ ଭାରତୀୟ ପିତାମାତାଙ୍କଠାରୁ ଭାରତରେ ଜନ୍ମଗ୍ରହଣ କରିଛନ୍ତି । ସେମାନଙ୍କ ଭାଇ ଏବଂ ଭଉଣୀମାନେ ଭାରତରେ ରହୁଛନ୍ତି

। ସେମାନଙ୍କର ସମସ୍ତ ସନ୍ତାନ ଭାରତରେ ଜନ୍ମଗ୍ରହଣ କରିଛନ୍ତି ଏବଂ ଭାରତରେ ରହୁଛନ୍ତି । ଆବେଦନକାରୀଙ୍କ ବୟସ 70 ବର୍ଷରୁ ଅଧିକ ହୋଇଥିବାରୁ ସେମାନଙ୍କୁ ବୃଦ୍ଧାବସ୍ଥାରେ ସେମାନଙ୍କ ପିଲାମାନଙ୍କଠାରୁ ସହାୟତା ଆବଶ୍ୟକ ଏବଂ ସେମାନଙ୍କୁ ଦେଶରୁ ନିର୍ବାସିତ କରାଯିବା ଉଚିତ୍ ନୁହେଁ । କେବଳ ଏକ ବିଦେଶୀ ଦେଶରୁ ପାସପୋର୍ଟ ପାଇବା ପ୍ରମାଣ କରିବା ପାଇଁ ଯଥେଷ୍ଟ ନୁହେଁ ଯେ ଆବେଦନକାରୀମାନେ ଭାରତର ପ୍ରାକୃତିକ ନାଗରିକତା ପରିତ୍ୟାଗ କରିଛନ୍ତି । ନାଗରିକତା ଅଧିନିୟମର ଧାରା 9 (2) ଅନୁଯାୟୀ କର୍ତ୍ତୃପକ୍ଷ  ସେମାନଙ୍କ ଆବେଦନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାରେ ଭୁଲ କରିଥିଲେ ।

ରାଜସ୍ଥାନ ରାଜ୍ୟ ଏବଂ ଭାରତ ସଂଘ ପକ୍ଷରୁ ଉପସ୍ଥିତ ଅଧିବକ୍ତା ଏହି ଦାଖଲକୁ ଖଣ୍ଡନ କରିଛନ୍ତି ଏବଂ ଯୁକ୍ତି ଦେଇଛନ୍ତି ଯେ ଦେଶ ବିଭାଜନ ପରେ ପାକିସ୍ତାନକୁ ପ୍ରବାସନ ଏବଂ ପାକିସ୍ତାନ ସରକାରଙ୍କଠାରୁ ପାସପୋର୍ଟ ପାଇବାରେ ଆବେଦନକାରୀଙ୍କ କାର୍ଯ୍ୟ ସେମାନଙ୍କୁ ପାକିସ୍ତାନର ନାଗରିକ ବୋଲି ଘୋଷଣା କରିବା ଆବେଦନକାରୀଙ୍କ ବିରୁଦ୍ଧରେ ଏକ ଧାରଣା ସୃଷ୍ଟି କରେ ଯେ ସେମାନେ ଭାରତର ନାଗରିକ । ଆବେଦନକାରୀମାନେ ନିଜକୁ ପାକିସ୍ତାନର ନାଗରିକ ବୋଲି ଘୋଷଣା କରିବା ପରେ ଭାରତ ସରକାରଙ୍କଠାରୁ ଭିସା ପାଇଥିଲେ । ଭିସା ଅବଧି ଶେଷ ହେବା ପରେ ପାକିସ୍ତାନ ଫେରିବା କିମ୍ବା ଭିସା ବୃଦ୍ଧି କରିବା ପରିବର୍ତ୍ତେ ଆବେଦନକାରୀମାନେ ଲୁଚିକି ରହିଥିଲେ । ଚିହ୍ନଟ ହେବା ପରେ ସେମାନଙ୍କୁ ପାକିସ୍ତାନକୁ ନିର୍ବାସିତ କରାଯିବାର ସମ୍ଭାବନା ରହିଛି । ପାସପୋର୍ଟ ଧାରକଙ୍କ ନାଗରିକତା ସମ୍ପର୍କରେ ତଦନ୍ତରେ ବିଦେଶୀ ରାଷ୍ଟ୍ରର ଜଣେ ବ୍ୟକ୍ତି ଦ୍ୱାରା ପ୍ରାପ୍ତ ପାସପୋର୍ଟ ପ୍ରାସଙ୍ଗିକ । ଏକ ନିର୍ଣ୍ଣାୟକ ଅନୁମାନ କରାଯାଇପାରେ ଯେ ଆବେଦନକାରୀମାନେ ପାକିସ୍ତାନର ନାଗରିକ ଥିଲେ ।

ପକ୍ଷମାନଙ୍କ ଅଧିବକ୍ତାଙ୍କ କଥା ଶୁଣାଯାଇଛି । ନାଗରିକତା ଅଧିନିୟମର ଧାରା 9 ର ଉପ-ଧାରା (2) ରେ ବ୍ୟବସ୍ଥା ଅଛି ଯେ ଯଦି କୌଣସି ବ୍ୟକ୍ତି ଅନ୍ୟ ଦେଶର ନାଗରିକତା କେବେ ଏବଂ କିପରି ହାସଲ କରିଛନ୍ତି ସେ ବିଷୟରେ କୌଣସି ପ୍ରଶ୍ନ ଉଠେ, ତେବେ ଏହା ଏପରି କର୍ତ୍ତୃପକ୍ଷଙ୍କ ଦ୍ୱାରା, ଏପରି ପଦ୍ଧତିରେ ଏବଂ ପ୍ରମାଣର ନିୟମାବଳୀକୁ ଦୃଷ୍ଟିରେ ରଖି ନିର୍ଣ୍ଣୟ କରାଯିବ, ଯେପରି ଏ ଦିଗରେ ନିର୍ଦ୍ଧାରିତ ହୋଇପାରେ । ନାଗରିକତା ନିୟମାବଳୀ, 1956 ର ଅନୁସୂଚୀ III ର ନିୟମ 3 (ସଂକ୍ଷେପରେ 'ନିୟମାବଳୀ') ପ୍ରଦାନ କରେ :

> "3. ଭାରତର ଜଣେ ନାଗରିକ ଯେକୌଣସି ତାରିଖରେ ଅନ୍ୟ କୌଣସି ଦେଶର ସରକାରଙ୍କଠାରୁ ପାସପୋର୍ଟ ପାଇଛନ୍ତି, ଏହା ନିଶ୍ଚିତ ଭାବରେ ପ୍ରମାଣିତ ହେବ ଯେ ସେ ସେହି ତାରିଖ ପୂର୍ବରୁ ସ୍ୱେଚ୍ଛାକୃତ ଭାବରେ ସେହି ଦେଶର ନାଗରିକତ୍ୱ ହାସଲ କରିଛନ୍ତି ।"

ଏହି ନିୟମ ଉପରେ ନିର୍ଭର କରି ଭାରତ ସଂଘ 21 ଜୁଲାଇ, 1995 ତାରିଖର ନାଗରିକତା ଅଧିନିୟମର ଧାରା 9 (2) ଅନୁଯାୟୀ ପାରିତ କରିଥିବା ଆଦେଶରେ ଆବେଦନକାରୀଙ୍କ ଜାତୀୟତା  ପାକିସ୍ତାନୀ ବୋଲି ନିର୍ଣ୍ଣୟ କରିଥିଲା ।

*ଇଜହାର ଅହମଦ ଖାନ ଏବଂ ଅନ୍ୟମାନେ*: ବନାମ *ଭାରତ ସଂଘ ଏବଂ ଅନ୍ୟମାନେ*, AIR (1962) SC 1052 ମାମଲାରେ ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ଖଣ୍ଡପୀଠ ନାଗରିକତା ନିୟମାବଳୀର ଅନୁସୂଚୀ III ର ନିୟମ 3 ର ବୈଧତା ଏବଂ ନାଗରିକତା ଅଧିନିୟମର ଧାରା 9 (2) ଅନୁଯାୟୀ ପାରିତ କରାଯାଇଥିବା ଆଦେଶକୁ ବିଚାର କରିଥିଲେ, ଯେଉଁଠାରେ ସମ୍ପୃକ୍ତ ବ୍ୟକ୍ତି ଏକ ପାକିସ୍ତାନୀ ପାସପୋର୍ଟ ପାଇଥିଲେ ଏବଂ ଅନୁଚ୍ଛେଦ 34 ରେ ନିମ୍ନଲିଖିତ ଭାବରେ ପର୍ଯ୍ୟବେକ୍ଷଣ କରିଥିଲେ :

"ଏହି ପ୍ରଶ୍ନର ସମାଧାନ କରିବା ସମୟରେ, ନିୟମର ବ୍ୟବହାରିକ ଦିଗକୁ ବିଚାର କରିବା ମଧ୍ୟ ପ୍ରାସଙ୍ଗିକ ହୋଇପାରେ; ଏବଂ ଏହା ଆମକୁ ସେହି ପ୍ରକ୍ରିୟା ଆଡ଼କୁ ନେଇଯାଏ ଯାହା ଭାରତ ଯାତ୍ରା ପାଇଁ ସେହି ଦେଶର ସରକାରଙ୍କ ଠାରୁ ପାସପୋର୍ଟ ପାଇବା ପାଇଁ ପାକିସ୍ତାନରେ ଅନୁସରଣ କରିବାକୁ ପଡିଥାଏ I ଏହି ଆଇନର ଉଦ୍ଦେଶ୍ୟ ଥିଲା ଦେଶକୁ ଭାରତ ଏବଂ ପାକିସ୍ତାନରେ ବିଭାଜନ ଫଳରେ ଉପୁଜିଥିବା ଜରୁରୀକାଳୀନ ପରିସ୍ଥିତିକୁ ପୂରଣ କରିବା, ଏବଂ ପ୍ରାସଙ୍ଗିକ ନିୟମାବଳୀ ମୁଖ୍ୟତଃ ସେହି ଭାରତୀୟ ନାଗରିକମାନଙ୍କ ପାଇଁ ପ୍ରଯୁଜ୍ୟ, ଯେଉଁମାନେ ପାକିସ୍ତାନ ଯାଇ ସେହି ଦେଶର ସରକାରଙ୍କ ଠାରୁ ପାସପୋର୍ଟ ହାସଲ କରିଥିଲେ I ବର୍ତ୍ତମାନ; ଏହା ବିବାଦୀୟ ନୁହେଁ ଯେ ପାକିସ୍ତାନରେ ପ୍ରଚଳିତ ଆଇନ ଅନୁଯାୟୀ, ଜଣେ ବ୍ୟକ୍ତି ପାସପୋର୍ଟ ପାଇଁ ଆବେଦନ କିମ୍ବା ପାଇବାର ହକଦାର ନୁହଁନ୍ତି ଯଦି ସେ ପାକିସ୍ତାନର ନାଗରିକତା ଅଧିନିୟମ ଅନୁଯାୟୀ ନାଗରିକ ହୋଇନଥାନ୍ତି I ଏହା ବ୍ୟତୀତ, ଆବେଦନର ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନକାରୀଙ୍କୁ ଏକ ଘୋଷଣା କରିବାକୁ ପଡିବ ଯେ ସେ ପାକିସ୍ତାନର ନାଗରିକ ଏବଂ ପାସପୋର୍ଟ ଜାରି କରିବା ପୂର୍ବରୁ ଉକ୍ତ ଘୋଷଣାକୁ ପାକିସ୍ତାନ କର୍ତ୍ତୃପକ୍ଷ ଗ୍ରହଣ କରିବାକୁ ପଡିବ I ଆବେଦନକାରୀଙ୍କ ନାଗରିକତା ସମ୍ପର୍କରେ ତଦନ୍ତ ସମୟରେ, ଆବେଦନକାରୀଙ୍କ ବୟାନର ସତ୍ୟତା ବିଷୟରେ ପାକିସ୍ତାନର ଅଧିକାରୀଙ୍କ ଦ୍ୱାରା ଘୋଷଣାପତ୍ର ଦାଖଲ କରିବାକୁ ପଡିବ I ତେଣୁ, ପ୍ରାସଙ୍ଗିକ ପାକିସ୍ତାନ ଆଇନ ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟା ଏହା ସ୍ପଷ୍ଟ ଭାବରେ ସ୍ପଷ୍ଟ କରେ ଯେ ପାସପୋର୍ଟ ପାଇଁ ଆବେଦନ ପାକିସ୍ତାନର ଜଣେ ନାଗରିକଙ୍କ ଦ୍ୱାରା କରାଯିବା ଆବଶ୍ୟକ, ଏଥିରେ ସେହି ପ୍ରଭାବରେ ଏକ ଘୋଷଣାପତ୍ର ରହିବା ଆବଶ୍ୟକ ଏବଂ ପାସପୋର୍ଟ ପ୍ରଦାନ କରିବା ପୂର୍ବରୁ ପାକିସ୍ତାନ ଅଧିକାରୀଙ୍କ ସନ୍ତୁଷ୍ଟି ଅନୁଯାୟୀ ଘୋଷଣାପତ୍ରର ସତ୍ୟତା ପ୍ରତିଷ୍ଠିତ ହେବା ଆବଶ୍ୟକ I ଯେତେବେଳେ ଏହି ପରିସ୍ଥିତିରେ ଏକ ପାସପୋର୍ଟ ପ୍ରାପ୍ତ ହୁଏ, ପାକିସ୍ତାନ ସରକାରଙ୍କ ଦୃଷ୍ଟିରୁ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ଆବେଦନକାରୀଙ୍କୁ ନିଜର ନାଗରିକ ଭାବରେ ଦାବି କରିବାର ଅଧିକାର ପାଇବ I ନାଗରିକ ଜଣକ ପାକିସ୍ତାନ ସରକାରଙ୍କ ବିରୁଦ୍ଧରେ ଦାବି କରିବାରୁ ନିବୃତ୍ତ ହେବେ ଯେ ତାଙ୍କ ସ୍ଥିତି ବିଷୟରେ ତାଙ୍କ ଦ୍ୱାରା ଦିଆଯାଇଥିବା ବିବୃତ୍ତି ଅସତ୍ୟ I ଏପରି ପରିସ୍ଥିତିରେ, ଯଦି ଆକ୍ଷେପିତ ନିୟମ ଅନୁଯାୟୀ ଜଣେ ଭାରତୀୟ ନାଗରିକଙ୍କ ଦ୍ୱାରା ପାକିସ୍ତାନ ସରକାରଙ୍କ ଠାରୁ ପାସପୋର୍ଟ ପାଇବା (ଯାହା ସାଧାରଣତଃ ତାଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବରେ ଦିଆଯାଇଥିବା ଆବେଦନର ପରିଣାମ ହେବ) ପାକିସ୍ତାନୀ ନାଗରିକତ୍ୱର ସ୍ୱେଚ୍ଛାକୃତ

ଅଧିଗ୍ରହଣକୁ ନିର୍ଣ୍ଣାୟକ ଭାବରେ ପ୍ରମାଣିତ କରେ, ତେବେ ଏହା ନିର୍ଣ୍ଣୟ କରିବା କଷ୍ଟକର ହେବ ଯେ ନିୟମ ପ୍ରମାଣର ନିୟମ ନୁହେଁ । ଆମ ମତରେ, ଏହା ଯୁକ୍ତି କରିବା ପୌଡ଼ାନ୍ତ ଏବଂ ସମ୍ପୂର୍ଣ୍ଣ ଅବାସ୍ତବ ହେବ ଯେ ପ୍ରଶ୍ନରେ ଥିବା ନିୟମଟି ତଥ୍ୟ B ପ୍ରମାଣ କରିବା କ୍ଷେତ୍ରରେ ତଥ୍ୟ A ର ସାମ୍ଭବ୍ୟ ମୂଲ୍ୟ ମୂଲ୍ୟାୟନ କରିବାକୁ ଆଗ୍ରହୀ ନୁହେଁ ବରଂ ମୂଳ ଆଇନ ସହିତ ପ୍ରାସଙ୍ଗିକ ବିଚାରକୁ ଗୁରୁତ୍ୱ ଦିଏ । ତେଣୁ, ଆମର ନିଷ୍କର୍ଷ ହେଉଛି ଯେ ଆକ୍ଷେପିତ ନିୟମ ହେଉଛି ପ୍ରମାଣର ଏକ ନିୟମ ଏବଂ ଧାରା ୨ (2) ଦ୍ୱାରା ନିର୍ଦ୍ଧାରିତ ପରିସର ମଧ୍ୟରେ ଆସେ । ତେଣୁ ଏହା ମୂଳ ଅଧିନିୟମର ଏକ ନିୟମ ବୋଲି ଆଧାରରେ ଏହାର ବୈଧତା ପ୍ରତି ଆପତ୍ତି ବିଫଳ ହେବା ଉଚିତ । ”

ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ନିର୍ଣ୍ଣାୟକ ଅନୁମାନ ଏହି ସତ୍ୟରୁ ଉଠାଇହେବ ଯେ ଭାରତର ଜଣେ ନାଗରିକ ଯିଏ ଯେକୌଣସି ତାରିଖରେ ଅନ୍ୟ ଦେଶର ସରକାରଙ୍କଠାରୁ ପାସପୋର୍ଟ ପାଇଛନ୍ତି ଯେ ସେ ସେହି ତାରିଖ ପୂର୍ବରୁ ସ୍ୱେଚ୍ଛାକୃତ ଭାବରେ ସେହି ଦେଶର ନାଗରିକତ୍ୱ ହାସଲ କରିଛନ୍ତି ।

ବର୍ତ୍ତମାନର ମାମଲାରେ, ଭାରତ ସରକାର 21 ଜୁଲାଇ, 1995 ତାରିଖର ତାଙ୍କ ଆଦେଶରେ ନାଗରିକତା ଅଧିନିୟମର ଧାରା ୨ (2) (ଯାହା ଆକ୍ଷାଦେଶ ଆବେଦନରେ ଆପତ୍ତି କରାଯାଇଛି) ଅନୁଯାୟୀ ପାରିତ କରିଛନ୍ତି :

“.................. ଏହି ମାମଲାରେ କୌଣସି ବିବାଦ ନାହିଁ ଯେ ଆବେଦନକାରୀମାନେ ପାକିସ୍ତାନ ଯାଇଥିଲେ ଏବଂ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନୀ ପାସପୋର୍ଟ ହାସଲ କରିଥିଲେ । ସେମାନେ ସେଠାରେ ତିନି ବର୍ଷ ରହିଥିଲେ ଯାହା କମ୍ ସମୟ ନୁହେଁ । ସେମାନେ ଆବେଦନ କରିବା ପରେ ଏବଂ ନିଜକୁ ପାକିସ୍ତାନୀ ନାଗରିକ ଭାବରେ ଘୋଷଣା କରିବା ପରେ ପାକିସ୍ତାନୀ ପାସପୋର୍ଟ ପାଇଥିଲେ । ଏହା ବ୍ୟତୀତ, ଆବେଦନକାରୀମାନେ କୌଣସି ଦସ୍ତାବିଜ ସାକ୍ଷ୍ୟ ଯୋଗାଡ଼ କରିବାରେ ବିଫଳ ହୋଇଛନ୍ତି ଯାହା ଦର୍ଶାଇଥାଏ ଯେ ପାକିସ୍ତାନୀ ପାସପୋର୍ଟ ଠକେଇ କିମ୍ବା ବାଧ୍ୟତାମୂଳକ ପରିସ୍ଥିତିରେ ପ୍ରାପ୍ତ ହୋଇଥିଲା, ସେମାନଙ୍କୁ ପାକିସ୍ତାନୀ ନାଗରିକ ଘୋଷଣା କରିବାରେ କୌଣସି ଦ୍ୱିଧା ନାହିଁ ।

ବର୍ତ୍ତମାନ, ତେଣୁ କେନ୍ଦ୍ର ସରକାର ନାଗରିକତା ଅଧିନିୟମ, 1955 ର ଧାରା ୨ (2) ଏବଂ ତଦନୁଯାୟୀ ପ୍ରଣୀତ ନିୟମାବଳୀ ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି ଏବଂ ମାମଲାର ସମସ୍ତ ତଥ୍ୟ ଏବଂ ପରିସ୍ଥିତି ଏବଂ ରେକର୍ଡରେ ପ୍ରାସଙ୍ଗିକ ସାମଗ୍ରୀକୁ ବିଚାର କରି ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ଆବେଦନକାରୀଙ୍କ ଦ୍ୱାରା ଭାରତ ଗସ୍ତ ପାଇଁ ପାକିସ୍ତାନୀ ପାସପୋର୍ଟ ଏବଂ ଭିସା ହାସଲ ସ୍ୱେଚ୍ଛାକୃତ କାର୍ଯ୍ୟ ଥିଲା ଏବଂ ସେମାନଙ୍କ ଉପରେ କୌଣସି ବାଧ୍ୟବାଧକତା ନଥିଲା । ଆବେଦନକାରୀମାନେ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନୀ ନାଗରିକତା ହାସଲ କରିଥିଲେ ଏବଂ ତେଣୁ ସେମାନଙ୍କର ଭାରତୀୟ ନାଗରିକ ହେବାର ଦାବି ପ୍ରତ୍ୟାଖ୍ୟାନ ହେବା ଯୋଗ୍ୟ ଏବଂ ଏହାଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଉଛି । "

ନାଗରିକତା ଅଧିନିୟମର ଧାରା 9 (2) ଅନୁଯାୟୀ ଆବେଦନକାରୀଙ୍କ ଜାତୀୟତା ନିର୍ଣ୍ଣୟ କରିବା ପାଇଁ 21 ଜୁଲାଇ, 1995 ତାରିଖରେ ଦିଆଯାଇଥିବା ଆଦେଶରେ ଆମେ କୌଣସି ଦୁର୍ବଳତା ପାଉନାହୁଁ । ଆମ ପୂର୍ବରୁ ମଧ୍, ଆବେଦନକାରୀମାନେ କୌଣସି ସାକ୍ଷ୍ୟ ଦ୍ୱାରା ପ୍ରମାଣ କରିବାରେ ବିଫଳ ହୋଇଥିଲେ ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନକୁ ପ୍ରବାସ କରି ନାହାଁନ୍ତି ଏବଂ ବାଧ୍ୟତାମୂଳକ ପରିସ୍ଥିତିରେ ପାକିସ୍ତାନୀ ପାସପୋର୍ଟ ହାସଲ କରିଥିଲେ । ବରଂ ଭାରତ ଆସିବା ପରେ ସେମାନଙ୍କର ଆଚରଣ ମଧ୍ୟ ଦର୍ଶାଉଛି ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନକୁ ପ୍ରବାସ କରିଥିଲେ ଏବଂ ନିଜକୁ ପାକିସ୍ତାନର ନାଗରିକ ବୋଲି ଘୋଷଣା କରିବା ପରେ ପାକିସ୍ତାନ ସରକାରଙ୍କଠାରୁ ପାସପୋର୍ଟ ପାଇଥିଲେ । ନିୟମାବଳୀ ଅନୁଯାୟୀ ଭାରତ ଆସିବା ପରେ ସେମାନେ ସମ୍ପୃକ୍ତ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜୀକୃତ ହୋଇଥିଲେ । ଭିସା ଅବଧି ଶେଷ ହେବା ପରେ 7 ମେ, 1955 ରେ ସେମାନେ ପୁଣି ଥରେ ରତନଗଡ଼ ପୋଲିସ ଷ୍ଟେସନକୁ ଯାଇ ଘୋଷଣା କରିଥିଲେ ଯେ ସେମାନେ ସନ୍ଧ୍ୟା ଟ୍ରେନରେ ପାକିସ୍ତାନ ଫେରିଯିବେ । ପାକିସ୍ତାନ ଫେରିବା ପରିବର୍ତ୍ତେ ସେମାନେ ବେଆଇନ ଭାବରେ ଭାରତରେ ରହିଲେ । ଯଦି ଆବେଦନକାରୀଙ୍କ ଉଦ୍ଦେଶ୍ୟ ହୋଇଥାନ୍ତା ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ପାକିସ୍ତାନର ନାଗରିକତା ଏବଂ ସେହି ଦେଶରୁ ପାସପୋର୍ଟ ହାସଲ କରିନାହାଁନ୍ତି, ଯେପରି ଆମ ସମ୍ମୁଖରେ ଦର୍ଶାଯାଇଛି, ତେବେ ସେମାନେ 7 ମେ , 1955 ରେ ଭିସା ଅବଧି ଶେଷ ହେବା ପରେ ପାକିସ୍ତାନ ଫେରିବାର ସେମାନଙ୍କର ଇଚ୍ଛା ଘୋଷଣା କରିନଥାନ୍ତେ । ଏହା ବ୍ୟତୀତ, ସେମାନେ ଲୁକାୟିତ ହୋଇନଥାନ୍ତେ। 1955 ମସିହାରେ ସେମାନେ ନୂତନ ଭାବରେ ଭାରତର ନାଗରିକତା ହାସଲ କରିବା ପାଇଁ ପ୍ରୟାସ କରିଥାନ୍ତେ । ଭାରତୀୟ ସଂଘ ଦ୍ୱାରା ପ୍ରଦତ୍ତ ଆଦେଶ ତଥ୍ୟଗତ ଭାବରେ ସଠିକ୍ ଏବଂ ଆଇନ ଅନୁଯାୟୀ ଅଟେ ।

ଆମେ ଉଚ୍ଚ ନ୍ୟାୟାଳୟଙ୍କ ସହ ସହମତ ଯେ ନିର୍ବାସନ ଆଦେଶରେ ହସ୍ତକ୍ଷେପ ପାଇଁ ମାମଲା ପ୍ରସ୍ତୁତ କରାଯାଇ ନାହିଁ । ଦେଶରେ ଦୀର୍ଘ ସମୟ ରହିବା ଏବଂ ଭୋଟର ତାଲିକାରେ ନାମ ଲେଖା ଜଣେ ବିଦେଶୀଙ୍କୁ ଦେଶରେ ରହିବା ଜାରି ରଖିବାର କୌଣସି ଅଧିକାର ପ୍ରଦାନ କରିବ ନାହିଁ । ଆମେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଗୃହୀତ ଯୁକ୍ତି କିମ୍ବା ଉପନୀତ ନିଷ୍କର୍ଷରେ କିମ୍ବା ଭାରତ ସରକାରଙ୍କ ଦ୍ୱାରା 21 ଜୁଲାଇ, 1995 ରେ ନାଗରିକତା ଅଧିନିୟମ, 1955 ର ଧାରା 9 (2) ଅନୁଯାୟୀ ପାରିତ କରାଯାଇଥିବା ତାଙ୍କ ଆଦେଶରେ କୌଣସି ଦୁର୍ବଳତା ପାଉନାହୁଁ ।

ମାମଲାଗୁଡ଼ିକର ସମାପ୍ତି ପରେ, ଆବେଦନକାରୀଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ ଯେ ନାଗରିକତା ଅଧିନିୟମର ଧାରା 5 ଅନୁଯାୟୀ ଆବେଦନକାରୀଙ୍କ ଆବେଦନ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ବିଚାରାଧୀନ ଅଛି ଏବଂ ଏହି ମାମଲାରେ କରାଯାଇଥିବା ପର୍ଯ୍ୟବେକ୍ଷଣ ନାଗରିକତା ଅଧିନିୟମର ଧାରା 5 ଅନୁଯାୟୀ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଦାବିକୁ ପକ୍ଷପାତିତ କରିପାରେ । ଆମେ ଉକ୍ତ ନ୍ୟାୟଳୟରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦେୱାନୀ ଆଜ୍ଞାଦେଶ ଆବେଦନ ଏବଂ ଏହା ଅଧୀନରେ

କରାଯାଇଥିବା ଦାବିରୁ ଉଭା ହୋଇଥିବା ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ଦେୱାନୀ ଆବେଦନ ନିଷ୍ପତ୍ତି ନେଇଛୁ । ସେହିପରି, ଆମେ ନାଗରିକତା ଅଧିନିୟମର ଧାରା 9 (2) ଅନୁଯାୟୀ ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆଦେଶ ବିରୁଦ୍ଧରେ ଏହି ନ୍ୟାୟାଳୟରେ ଦାୟର ହୋଇଥିବା ଆଜ୍ଞାଦେଶ ଆବେଦନ ଉପରେ ନିଷ୍ପତ୍ତି ନେଇଛୁ । ନାଗରିକତା ଅଧିନିୟମର ଧାରା 5 ଅନୁଯାୟୀ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଗୁଣ କିମ୍ବା ଅବିଗୁଣ ବିଷୟରେ କୌଣସି ମତ ପ୍ରକାଶ କରାଯାଇ ନାହିଁ । ନାଗରିକତା ଅଧିନିୟମର ଧାରା 5 ଅନୁଯାୟୀ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ, ଯଦି କୌଣସି ଥାଏ, ତେବେ ତାହା ଆଗକୁ ବଢାଇବା ଏବଂ ନିଷ୍ପତ୍ତି ନେବା ଏବଂ ଆଇନ ଅନୁଯାୟୀ (ଯଦି ପୂର୍ବରୁ ନିଷ୍ପତ୍ତି ନିଆଯାଇନାହିଁ) ନିଷ୍ପତ୍ତି ନେବା କର୍ତ୍ତୃପକ୍ଷଙ୍କ ପାଇଁ ଉନ୍ମୁକ୍ତ ରହିବ ।

ଉପରେ ଉଲ୍ଲେଖିତ କାରଣ ପାଇଁ, ଆମେ ଆବେଦନ କିମ୍ବା ଆଜ୍ଞାଦେଶ ଆବେଦନରେ କୌଣସି ଯୋଗ୍ୟତା ପାଉନାହୁଁ ଏବଂ ଏହାକୁ ଖାରଜ କରିଦେଉଛୁ । ଏଠାରୁ କର୍ତ୍ତୃପକ୍ଷଙ୍କୁ ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ ସ୍ୱାଧୀନତା ଦିଆଯାଇଛି ।

କେ. କେ. ଟି. ପିଟିସନ ଏବଂ ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।